ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

ODM EDUCATIONAL GROUP

**SESSION :5**

**CLASS :3**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ଅଭ୍ୟାସ – ୬ ପ୍ରଶ୍ନ ଉତ୍ତର ଲେଖ ।**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ବିଭିନ୍ନ ଋତୁର କାର୍ଯ୍ୟ କଳାପ ବିଷୟରେ ସୂଚନା ଦେବା |



# ଖରା ,ବର୍ଷା,ଶୀତ









ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

ODM EDUCATIONAL GROUP

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।



: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?



: ଶୀତଦିନେ ଅଧିକ ଥଣ୍ଡା ହୁଏ। ଆମେ ଶୀତପୋଷାକ ପିନ୍ଧୁ। ନିଆଁ ଜଳାଇ ତା' ପାଖରେ ବସୁ।



: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?



: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି।

# ଅଭ୍ୟାସ-୬ ପ୍ରଶ୍ନ ଉତ୍ତର ଲେଖ

ODM EDUCATIONAL GROUP

କ-କେଉଁ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ?

ଖ-କେଉଁ ଋତୁରେ ନଈରେ ବଢ଼ି ଆସେ ?

ଗ-କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

ଘ-ନଈବଢ଼ି ଆସିଲେ କଣ ଅସୁବିଧା ହୁଏ ?

ଙ-ଆମେ  ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କଣ ?

ଚ-କେଉଁ ଋତୁରେ ବେଶୀ ପରିବା ମିଳେ ?

ଛ-କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

# ଅଭ୍ୟାସ-୬ ପ୍ରଶ୍ନ ଉତ୍ତର ଲେଖ

ODM EDUCATIONAL GROUP

କ-କେଉଁ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ?

ଉ- ଗ୍ରୀଷ୍ମ ଋତୁରେ ଗଛଲତା ଝାଉଁଳି ଯାଆନ୍ତି |

ଖ-କେଉଁ ଋତୁରେ ନଈରେ ବଢି ଆସେ ?

ଉ - ବର୍ଷା ଋତୁରେ ନଈରେ ବଢି ଆସେ |

ଗ-କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

ଉ - ବର୍ଷା ଋତୁରେ ରାସ୍ତାଘାଟ କାଦୁଅ ହୁଏ |

ଚ-କେଉଁ ଋତୁରେ ବେଶୀ ପରିବା ମିଳେ ?

ଉ - ଶୀତ ଋତୁରେ ବେଶୀ ପରିବା ମିଳେ |

# ଅଭ୍ୟାସ-୬ ପ୍ରଶ୍ନ ଉତ୍ତର ଲେଖ

ODM EDUCATIONAL GROUP

ଘ-ନଈବଢି ଆସିଲେ କଣ ଅସୁବିଧା ହୁଏ ?

ଉ - ନଈବଢି ଆସିଲେ ଚାରିଆଡେ ଜଳମଗ୍ନ ହୋଇଯାଏ |ଘରେ ସବୁ ପାଣି ପଶିଯାଏ |ବହୁ ଧନ ଜୀବନ ନଷ୍ଟ ହୋଇଯାଏ |ନଈବଢି ରୁ ରକ୍ଷା ପାଇବା ପାଇଁ ଲୋକମାନେ ଘରଛାଡି ସୁରକ୍ଷିତ ସ୍ଥାନକୁ ପଳାଇ ଯାଆନ୍ତି ବହୁ ଅସୁବିଧାରେ ଲୋକମାନେ ଜୀବନ ଯାପନ କରନ୍ତି |

ଙ-ଆମେ  ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କଣ ?

ଉ -ଆମେ ମୁଖ୍ୟତଃ ତିନୋଟି ଋତୁ ଅନୁଭବ କରୁ |ସେଗୁଡିକ ଖରା,ବର୍ଷା,ଶୀତ |

ଛ-କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

ଉ – ଗ୍ରୀଷ୍ମ ଋତୁରେ ଆମ୍ବ ଓ ପଣସ ପାଚେ  |

# ଗୃହକର୍ମ

ODM EDUCATIONAL GROUP

ଶ୍ରେଣୀ ଫର୍ଦ୍ଦଟିକୁ ଅଭ୍ୟାସ କର ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP